# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 24th April – 2026

***********************************

## ମୁଖ୍ୟ ସମ୍ବାଦ

- ତୃଣମୂଳ ସ୍ତରରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ଜନସାଧାରଣଙ୍କ ଭାଗିଦାରୀକୁ ନିଶ୍ଚିତ କରିବାପାଇଁ ଆଜି ପାଳନ କରାଯାଉଛି ଜାତୀୟ ପଞ୍ଚାୟତିରାଜ ଦିବସ ।

— ବଲାଙ୍ଗିରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ।

- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ୍‌କୁ ଆସନ୍ତା ସୋମବାରଠାରୁ ଛୁଟି ଘୋଷଣା କଲେ ରାଜ୍ୟ ସରକାର ।

- ଓଡ଼ିଶା ସବୁଜ ଶକ୍ତିକ୍ଷେତ୍ରରେ ଦେଶର ନେତୃତ୍ୱ ନେବାକୁ ପ୍ରସ୍ତୁତ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ମନ୍ କୀ ବାତ୍‌ରେ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

*Desk*

# ଜାତୀୟ ପଞ୍ଚାୟତିରାଜ ଦିବସ

ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କୁ ବିକାଶମୂଳକ କାର୍ଯ୍ୟରେ ଭାଗିଦାରୀ ସୁନିଶ୍ଚିତ କରିବା ନେଇ ଦେଶରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି  ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହ ପ୍ରଥମ କିସ୍ତିରାଶି ପ୍ରଦାନ କରିବେ । ଏହାସହ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି ।

ପଞ୍ଚାୟତିରାଜ ଦିବସ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା ।

ଦେଶ ଉନ୍ନତିର ପ୍ରଥମ ପାହାଚ ହେଉଛି ଗ୍ରାମାଞ୍ଚଳର ବିକାଶ । ସେଥିପାଇଁ ଜାତିର ପିତା ମହାତ୍ମାଗାନ୍ଧି ସର୍ବଦା କହିଆସୁଥିଲେ, ଭାରତର ଆତ୍ମା ଗ୍ରାମାଞ୍ଚଳରେ ବାସ କରେ। ସମୃଦ୍ଧ ଦେଶ ଗଠନରେ ଗ୍ରାମବାସୀଙ୍କ ବଳିଷ୍ଠ ଭୂମିକା ରହିଛି । ଗ୍ରାମାଞ୍ଚଳରେ ସାମୁଦାୟିକ ଉନ୍ନତି ଜରିଆରେ ଦେଶରେ ପ୍ରକୃତ ଅର୍ଥରେ ଗଣତନ୍ତ୍ରର ପ୍ରତିଷ୍ଠା ହୋଇପାରିବ ବୋଲି ରାଷ୍ଟ୍ରନୀତିଜ୍ଞମାନେ ମତପ୍ରକାଶ କରିଥିଲେ ।

୧୯୯୩ ମସିହାରେ ଭାରତୀୟ ସମ୍ବିଧାନର ୭୩ତମ ସଂଶୋଧନ ପଞ୍ଚାୟତିରାଜ ଦିବସକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରିଥିଲା।

୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ସ୍ତରରେ ଗଣତନ୍ତ୍ରର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ।

ପଞ୍ଚାୟତିରାଜ ବ୍ୟବସ୍ଥା ୩ଟି ସ୍ତରରେ କାର୍ଯ୍ୟ କରିଥାଏ । ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ । ଏହି ବ୍ୟବସ୍ଥା ମାଧ୍ୟମରେ ଗ୍ରାମର ଉନ୍ନତି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଭଳି ଆବଶ୍ୟକତାଗୁଡ଼ିକର ସମାଧାନ ସ୍ଥାନୀୟ ସ୍ତରରେ କରାଯାଏ । କେନ୍ଦ୍ର ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ, ଇ-ପଞ୍ଚାୟତ ପ୍ରକଳ୍ପ, ଗ୍ରାମପଞ୍ଚାୟତ ବିକାଶ ଯୋଜନା - ଇ.ପି.ଡି.ପି. ମାଧ୍ୟମରେ ପଞ୍ଚାୟତଗୁଡ଼ିକୁ ଡିଜିଟାଲ୍ ପ୍ରଶାସନିକ ଭାବେ ସଶକ୍ତ କରାଯାଉଛି । ଓଡ଼ିଶା ସରକାର ମଧ୍ୟ ଗ୍ରାମର ଉନ୍ନତିକୁ ଗୁରୁତ୍ୱ ଦେଇଆସିଛନ୍ତି । 'ମୋ ପଞ୍ଚାୟତ ପୋର୍ଟାଲ', ପି.ଏମ୍. ଆବାସ ଯୋଜନା ଗ୍ରାମୀର ସଫଳ କାର୍ଯ୍ୟାନ୍ୱୟନ ଓ ସ୍ୱଚ୍ଛତା ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । ମହିଳା ସଶକ୍ତୀକରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ପ୍ରଦାନ କରାଯାଇ ସେମାନଙ୍କ ଔଦ୍ୟୋଗିକ ସ୍ୱପ୍ନକୁ ସାକାର କରାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ।

ଗାଁର ବିକାଶରେ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ନିହିତ ରହିଛି । ସେଥିପାଇଁ ତୃଣମୂଳ ସ୍ତରର ବିକାଶକୁ ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ।

ଆଜିର ଦିନ ଦେଶର ସଫଳ ପଞ୍ଚାୟତଗୁଡ଼ିକୁ ସମ୍ମାନ ଦେବା ଏବଂ ଗ୍ରାମ ଉନ୍ନତିରେ ସେମାନଙ୍କ ଅବଦାନକୁ ସ୍ମରଣ କରାଇବା ଅବସର ଆଣିଥାଏ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

***Desk***

# ବିଦ୍ୟାଳୟ ଛୁଟି ଘୋଷଣା

ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ସୋମବାରଠାରୁ ସମସ୍ତ ସ୍କୁଲ୍‌କୁ ଛୁଟି ଘୋଷଣା କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଗତକାଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଗ୍ରୀଷ୍ମ ଅବକାଶକୁ ଅନୁମୋଦନ କରିଥିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

***Voice :.......***

ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ । ତେବେ ପୂର୍ବ

ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାର୍ଯ୍ୟ ପୂର୍ବପରି ଜାରି ରହିବ ।

***Desk***

## ଜେ.ଏସ୍.ଡବ୍ଲ୍ୟୁ.

କେନ୍ଦ୍ର ଓ ରାଜ୍ୟ ସରକାର ଦେଶରେ ଇସ୍ପାତ ଉତ୍ପାଦନକୁ ବୃଦ୍ଧି କରିବାପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଜେ.ଏସ୍.ଡବ୍ଲ୍ୟୁ.ଠାରେ ଜେ.ଏସ୍.ଡବ୍ଲ୍ୟୁ. ଏବଂ ଜେ.ଏଫ୍.ଇ.ର ମିଳିତ ଉଦ୍ୟୋଗ ଗଠନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟ ସରକାର ସବୁଜ ଶକ୍ତି କ୍ଷେତ୍ରରେ ଦେଶର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଆଲୁମିନିୟମ୍ ଉତ୍ପାଦନ ହେଉଛି ।  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ଅର୍ଥନୀତି ଅଗ୍ରଗତି କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ ।

***Desk***

# ଅକାମୀ ଯୋଜନା

ରାଜ୍ୟରେ କାର୍ଯ୍ୟକାରୀ ହେଉ ନ ଥିବା ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ବନ୍ଦ କରିବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ୧୬ ତାରିଖରୁ ୩ ଦିନ ଧରି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୨୩ଟି ବିଭାଗର ଯୋଜନାଗୁଡ଼ିକର ସମୀକ୍ଷା କରାଯାଇ  ଗତ ୩ରୁ ୪ ବର୍ଷ ମଧ୍ୟରେ ବଜେଟ୍ ଅନୁଦାନ ପାଇ ନ ଥିବା ଯୋଜନଗୁଡ଼ିକୁ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କେନ୍ଦ୍ରୀୟ ଯୋଜନାରେ ହିତାଧିକାରୀମାନେ ସୁଫଳ ପାଇବା ନେଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୩ତମ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ

ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

# ଛାତ୍ରୀ ମୃତ୍ୟୁ

ଜାତୀୟ ମାନବାଧିକାର ଆୟୋଗ ଗଜପତି ଜିଲ୍ଲାର ଏକ ବିଦ୍ୟାଳୟରେ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ୍ ଅଧୀକ୍ଷକଙ୍କୁ ନୋଟିସ୍ ଜାରି କରିଛନ୍ତି । ଘଟଣାକୁ ଆୟୋଗ ସ୍ୱତଃପ୍ରବୃତ୍ତ ଭାବେ ଗ୍ରହଣ କରି ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଚଳିତମାସ ୧୫ ତାରିଖରେ ଗଜପତି ଜିଲ୍ଲାର ଏକ ସରକାରୀ ପ୍ରଥମିକ ବିଦ୍ୟାଳୟର ଲୁହା ତିଆରି ପ୍ରବେଶଦ୍ୱାର ପଡ଼ିଯିବାରୁ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା ।

*Ganjam/R*

# ପ୍ରଭାତୀ ପରିଡ଼ା - ଗଞ୍ଜାମ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇଛନ୍ତି । ଛତ୍ରପୁରସ୍ଥିତି ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆସନ୍ତାକାଲି ଉପମୁଖ୍ୟମନ୍ତ୍ରୀ ଗୋପାଳପୁର ଓ ସୁନାପୁର ବେଳାଭୂମିର ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିବାର କାର୍ଯ୍ୟସୂଚୀ ରହିଛି ।

*Desk*

# ରଥ ନିର୍ମାଣ

ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଚତୁର୍ଥ ଦିନରେ ଆଜି ୩ ରଥପାଇଁ ତୁମ୍ବ ନିର୍ମାଣ କାର୍ଯ୍ୟ ଚାରି ରହିଛି । କରତୀ ସେବକମାନେ ଫାଶୀକାଠ ଚିରଟ କରୁଛନ୍ତି । ଅନ୍ୟପକ୍ଷରେ ବିଶ୍ୱକର୍ମା ମହାରଣା ଓ ବୋଇ ସେବକମାନେ ତୁମ୍ବଗୁଡ଼ିକୁ ଆକାର ଦେଉଛନ୍ତି । ଆବଶ୍ୟକ ୪୨ଟି ତୁମ୍ବ ମଧ୍ୟରୁ ୨୧ଟି ତୁମ୍ବ ମାପ ପ୍ରକାରେ ଗଡ଼ କରି କରତୀ ସେବକମାନେ ଯୋଗାଇ ଦେଉଛନ୍ତି । ସେହି ତୁମ୍ବଗୁଡ଼ିକରୁ ୩ ରଥ ମହାରଣା ସେବକମାନେ ୧୦ଟି ତୁମ୍ବ ଗଡ଼କୁ ବାରିସୀରେ ହାଣି ଗୋଲେଇ କାର୍ଯ୍ୟ ଶେଷ

କରିଛନ୍ତି । ଦୋଳବେଦୀ ପରିସରରେ ରଥ ନିର୍ମାଣପାଇଁ ଆବଶ୍ୟକ କଣ୍ଟା ପ୍ରସ୍ତୁତପାଇଁ ଅସ୍ଥାୟୀ କମାରଶାଳ ଅନୁକୂଳ ଶେଷ ହୋଇଛି । ଏଥିସହ ଅରକଣ୍ଟା ନିର୍ମାଣ କାର୍ଯ୍ୟ ଜାରି ରହିଛି ।

***Bhadrak/R***

# ମହିଳା ସଂରକ୍ଷଣ

ନାରୀ ବନ୍ଦନା ଅଧିନିୟମକୁ ପ୍ରାଧାନ୍ୟ ଦେବା ନେଇ ଭଦ୍ରକ ଜିଲ୍ଲା ବି.ଜେ.ପି. ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ମହିଳାଙ୍କ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି ।

***Rayagada/R***

# ପଞ୍ଚାୟତିରାଜ ଦିବସ

ରାୟଗଡ଼ା ଜିଲ୍ଲା ପରିଷଦ ସଭାଗୃହରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତିରାଜର ଦୀର୍ଘସ୍ଥାୟୀ ବିକାଶ ଏବଂ

ଗ୍ରାମସଭା ମାଧ୍ୟମରେ ତୃଣମୂଳ ସ୍ତରରେ ବ୍ୟବସ୍ଥାର ସୁଦୃଢ଼ୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଉତ୍ତର ପ୍ରଦର୍ଶନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଥିଲା।

***Nabarangpur/R***

## ସାମାଜିକ ସୁରକ୍ଷା ଶିବିର

ନବରଙ୍ଗପୁର ବ୍ଲକ୍ ସଭାଗୃହରେ ବି.ଡି.ଓ. ସୁନିଲ୍ ଖରାଙ୍କ ଅଧ୍ୟକ୍ଷତାରେ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବ୍ଲକ୍‌ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସେଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା।

***Desk***

## ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମଲହରୀ ବୃଦ୍ଧି ପାଇବାରେ ଲାଗିଛି । ଅଧିକାଂଶ ଜିଲ୍ଲାରେ ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରେକର୍ଡ କରାଯାଉଛି । ଝାରସୁଗୁଡ଼ା ଜିଲ୍ଲା ୪୫ ଡିଗ୍ରୀ ସେଲ୍‌ସିୟସ୍ ସହ ଦେଶର ସବୁଠାରୁ ଉତ୍ତପ୍ତ ସହର। ତାଳଚେର ଓ ବୌଦ୍ଧରେ ମଧ୍ୟ ଅସହ୍ୟ ତାତି ଅନୁଭୂତ ହେଉଛି ।

ଗ୍ରୀଷ୍ମପ୍ରବାହ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******